# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**29th May - 2024**

**News Editor : *Tapan Kumar Maharana***

********************************

## ମୁଖ୍ୟ ସମ୍ବାଦ

- ଚଳିତ ନିର୍ବାଚନରେ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ହେବ କହିଲେ ପ୍ରଧାନମନ୍ତ୍ରୀ ।

- ଆସନ୍ତାକାଲି ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ପ୍ରଚାରର ଶେଷ ଦିନ ।

- ୬ ଟି ଲୋକସଭା ଆସନ ଏବଂ ୪୨ଟି ବିଧାନସଭା ଆସନ ପାଇଁ ଶନିବାର ଦିନ ହେବ ଭୋଟ ।

- ଓଡ଼ିଶା ଉପକୂଳ ଚାନ୍ଦିପୁର ଘାଟିରୁ ଆକାଶରୁ ଭୂପୃଷ୍ଠକୁ ଉତ୍କ୍ଷେପଣ ରୁଦ୍ରମ୍-୨ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ।

ଏବଂ

- ରାଜ୍ୟରେ ବୃଦ୍ଧି ପାଉଛି ତାପମାତ୍ରା ।

- ପଶ୍ଚିମ ଓଡ଼ିଶାର ଅଧିକାଂଶ ସ୍ଥାନରେ ତାପମାତ୍ରା ୪୫ ଡ଼ିଗ୍ରୀରୁ ଅଧିକ ।

# ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ

ରାଜ୍ୟରେ ଚତୁର୍ଥ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ଶନିବାର ଦିନ ଅନୁଷ୍ଠିତ ହେବ । ଏହି ପର୍ଯ୍ୟାୟର ପ୍ରଚାର କାର୍ଯ୍ୟ ଆସନ୍ତାକାଲି ସନ୍ଧ୍ୟାରେ ଶେଷ ହେବ । ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରଚାର କାର୍ଯ୍ୟ ଜାରି ରହିଛି । ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ବାରିପଦାର ଛଉପଡ଼ିଆ, ବାଲେଶ୍ୱର ରେମୁଣା ଏବଂ କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ବାରଗ୍ରାମର ସିଦ୍ଧମଠ ପଡ଼ିଆଠାରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି । ଶ୍ରୀ ମୋଦୀ କହିଛନ୍ତି  ଆଗାମୀ ୬ ମାସରେ ଓଡ଼ିଶା ରାଜନୀତିରେ ଏକ ବଡଧରଣର ପରିବର୍ତ୍ତନ ହେବାକୁ ଯାଉଛି । ସେହିପରି ଓଡ଼ିଶାରେ ଏଥର ବିଜେପିର ଡବଲ ଇଞ୍ଜିନ ସରକାର ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**- V/O -**

ସେହିପରି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଆଜି ଓଡ଼ିଶା ଗସ୍ତରେ ଆସି ବାଲେଶ୍ୱର ଓ ଭଦ୍ରକଠାରେ ଆୟୋଜିତ ନିର୍ବାଚନୀ ସଭାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି । କଂଗ୍ରେସ ସରକାର ଆସିଲେ କୃଷକ, ଯୁବବର୍ଗ, ମହିଳା ଶ୍ରମିକ ଓ ଗରିବ ଲୋକଙ୍କୁ ନ୍ୟାୟ ଦେବା ସହିତ କଂଗ୍ରେସ ୨୫ଟି ଗ୍ୟାରେଣ୍ଟି ସୁବିଧା ଯୋଗାଇଦେବ ବୋଲି

ସେ କହିଛନ୍ତି । ଏଥିରେ ଓଡ଼ିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାରଙ୍କ ସହ ଅନ୍ୟାନ୍ୟ ନେତାମାନେ ଉପସ୍ଥିତ ଥିଲେ ।

କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧୀ ଆସନ୍ତାକାଲି ବାଲେଶ୍ୱର ଜିଲ୍ଲାର ଶିମୁଳିଆ ଓ ସାନମହତିପୁରରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବେ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି ।

## ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ

ରାଜ୍ୟର ଚତୁର୍ଥ ପର୍ଯ୍ୟାୟରେ ଅବଶିଷ୍ଟ ୬ଟି ଲୋକସଭା ଆସନ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଏବଂ ଏହା ଅନ୍ତର୍ଗତ ୪୨ଟି ବିଧାନସଭା ଆସନ ପାଇଁ ଭୋଟ୍ ନିଆଯିବ । ଏହି ପର୍ଯ୍ୟାୟରେ ୬ଟି ଲୋକସଭା ଆସନ ପାଇଁ ୬୬ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଆସନ୍ତାକାଲି ଏହି ପର୍ଯ୍ୟାୟର ପ୍ରଚାରର ଶେଷ ଦିନ ।

୪ଟି ପର୍ଯ୍ୟାୟରେ ହେଉଥିବା ବିଧାନସଭା ନିର୍ବାଚନରେ ତିନୋଟି ପର୍ଯ୍ୟାୟ ଶେଷ ହୋଇଛି। ଏହି ୪ଟି ପର୍ଯ୍ୟାୟରେ ୧୪୭ଟି ଆସନ ଲାଗି ୧ ହଜାର ୨୮୫ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏଥିରେ ଜାତୀୟସ୍ତରୀୟ ଦଳରୁ ୪୨୮ ଜଣ ଥିବାବେଳେ ରାଜ୍ୟସ୍ତରୀୟ ଦଳରୁ ୨୦୭ ଜଣ ଅଛନ୍ତି। ସେହିପରି ଅଣ ମାନ୍ୟତା ପ୍ରାପ୍ତ ପଞ୍ଜୀକୃତ ରାଜନୈତିକ ଦଳରୁ ୨୨୫ ଜଣ ନିର୍ବାଚନ ଲଢୁଥିବା

ବେଳେ ଚଳିତଥର ୪୨୫ ଜଣ ସ୍ୱାଧୀନ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି ।

## ପ୍ୟାନ୍-ଆଧାର ନମ୍ବର ଲିଙ୍କ

ଚଳିତମାସ ଶେଷ ସୁଦ୍ଧା ପ୍ୟାନ୍ ନମ୍ବର ସହିତ ଆଧାର ନମ୍ବରକୁ ଯୋଡ଼ିବା ପାଇଁ ଆୟକର ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି । ଚଳିତବର୍ଷ ଆୟକର ରିଟର୍ଣ୍ଣ ଦାଖଲର ଶେଷ ତାରିଖ ଜୁଲାଇ ମାସ ୨୧ ତାରିଖ ଧାର୍ଯ୍ୟ କରାଯାଇଛି । ଏହାପୂର୍ବରୁ କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ କରଦାତାଙ୍କୁ ସେମାନଙ୍କର ପ୍ୟାନ୍ ଏବଂ ଆଧାର ନମ୍ବର ଯୋଡ଼ିବା ପାଇଁ ପରାମର୍ଶ ଦେଇଥିଲା । ମିଳିଥିବା ସୂଚନା ଅନୁସାରେ ୨୦୨୪ ମସିହା ଜାନୁଆରୀ ମାସ ୨୯ ତାରିଖ ସୁଦ୍ଧା ଦେଶରେ ୧୧କୋଟି ୪୮ଲକ୍ଷ ପ୍ୟାନ୍ ନମ୍ବର ଆଧାର ନମ୍ବର ସହିତ ସଂଯୋଗ କରାଯାଇନାହିଁ ।

## ରୁଦ୍ରମ୍-୨ର ସଫଳ ପରୀକ୍ଷଣ

ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନ-ଡିଆର୍‌ଡିଓ ପକ୍ଷରୁ ଆଜି ବାଲେଶ୍ୱରର ଚାନ୍ଦିପୁର ଘାଟୀରୁ ରୁଦ୍ରମ୍-୨ର ସଫଳ ପରୀକ୍ଷଣ କରାଯାଇଛି । ସ୍ୱଦେଶୀ ଜ୍ଞାନକୌଶଳ ନିର୍ମିତ ଏହି କ୍ଷେପଣାସ୍ତ୍ର ଆକାଶ ମାର୍ଗରୁ ଭୂପୃଷ୍ଠକୁ ଲକ୍ଷ୍ୟଭେଦ କରିଛି । ଭାରତୀୟ ବାୟୁସେନାର ଏସ୍‌ୟୁ-୩୦ ଯୁଦ୍ଧଜାହାଜରୁ ଏହି ପରୀକ୍ଷଣ କରାଯାଇଥିଲା । ଡିଆର୍‌ଡିଓର ସୂଚନା ଅନୁସାରେ ଆଜି ସକାଳ ୧୧ଟା ୩୦ ମିନିଟ୍‌ରେ ମିଶାଇଲ୍‌ର ସଫଳ ପରୀକ୍ଷଣ ସହିତ ସଠିକ୍ ଲକ୍ଷ୍ୟଭେଦୀ ନିରୂପଣ କରାଯାଇଥିଲା । ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଏହି ସଫଳତା ପାଇଁ

ଡିଆରଡିଓର ବୈଜ୍ଞାନିକ ଭାରତୀୟ ବାୟୁସେନା ଏବଂ ଏହାସହିତ ଜଡିତ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ଭୋଟ୍‌ଗଣତି

ଆସନ୍ତା ଜୁନ୍ ୪ ତାରିଖରେ ବୌଦ୍ଧ ଜିଲ୍ଲାରେ କନ୍ଧମାଳ ସଂସଦୀୟ କ୍ଷେତ୍ର ବୌଦ୍ଧ ବିଧାନସଭା ଓ କଣ୍ଟାମାଳ ବିଧାନସଭା ପାଇଁ ଭୋଟ୍‌ଗଣତି ହେବ । ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ ସଦ୍‌ଭାବନା ଗୃହଠାରେ ଭୋଟ୍‌ଗଣତି ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଭୋଟ୍‌ଗଣତି ଯେପରି ଶାନ୍ତିଶୃଙ୍ଖଳାର ସହ ହୋଇପାରିବ ସେ ନେଇ ଜିଲ୍ଲାପାଳ ଜେ. ସୋନାଲ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲାପାଳ ଶ୍ରୀ ସୋନାଲ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀମାନଙ୍କୁ ନିଜନିଜର ଦାୟିତ୍ୱ ତୁଲାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

## ଦକ୍ଷତାବିକାଶ କର୍ମଶାଳା

ରାଜ୍ୟ ସରକାରଙ୍କର ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ଏନ୍.ଏସ୍.ଏସ୍ ଓ ଭାରତୀୟ ରେଡକ୍ରସ ସୋସାଇଟି ଦ୍ୱାରା ସଡ଼କ ସୁରକ୍ଷା ଦୁର୍ଘଟଣା ଜନିତ ଦୁଇଦିନିଆ ଦକ୍ଷତାବିକାଶ କର୍ମଶାଳା ଆଜି ରେଡକ୍ରସ ଭବନରେ ଆରମ୍ଭ ହୋଇଛି । ଏହି କର୍ମଶାଳାରେ ରାଜ୍ୟର ସମସ୍ତ ମହାବିଦ୍ୟାଳୟରୁ ପ୍ରାୟ ୧୨୦ଜଣ ସ୍ୱେଚ୍ଛାସେବୀ ପ୍ରଶିକ୍ଷଣରେ ଯୋଗଦେଇଛନ୍ତି । ଏହି ପ୍ରଶିକ୍ଷଣରେ ମୁଖ୍ୟ ଅତିଥି ଭାବେ ବିଭୁତିଭୂଷଣ ପଟ୍ଟନାୟକ, ଯୁବ ଏନ୍‌ଏସ୍‌ଏସ୍ ଅଧିକାରୀ ଅଜିତ କୁଶବାହା, ରାï ଏନ୍‌ଏସ୍‌ଏସ୍ ଅଧିକାରୀ ତଥା ଉପଶାସନ ସଚିବ

ରମେଶ ଚନ୍ଦ୍ର ବେହେରାଙ୍କ ସମେତ ବିଭନ୍ନ ବିଶ୍ୱବିଦ୍ୟାଳୟର ଅଧିକାରୀବୃନ୍ଦଙ୍କ ସହ ଅଭିଜ୍ଞ ପ୍ରଶିକ୍ଷକମାନେ ଯୋଗଦେଇଥିଲେ ।

## ଆଇନ୍ ସଚେତନତା ଶିବିର

ନବରଙ୍ଗପୁର ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ସ୍ଥାନୀୟ ଜିଲ୍ଲା କୋର୍ଟ ପରିସରରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ବିଷୟରେ ଏକ ଆଇନ୍ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଦୌରା ଜଜ୍ ଶିବପ୍ରସାଦ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କଠିନ ବର୍ଜ୍ୟବସ୍ତୁ ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆଇନ୍‌ସେବା ପ୍ରାଧିକରଣର ସଚିବ, ବିଚାରପତି ଓ ଆଇନ୍‌ଜୀବୀମାନେ ଯୋଗ ଦେଇଥିଲେ ।

## ଠାକୁରାଣୀଙ୍କ ଯାତ୍ରା

ଗଞ୍ଜାମ ଜିଲ୍ଲାର ଛତ୍ରପୁର ସହରର ସଦର ମହକୁମାସ୍ଥିତ ଅଧିଷ୍ଠାତ୍ରୀ ଦେବୀ ମା' ରାମାୟାଣାମ୍ମା ଠାକୁରାଣୀଙ୍କ ଯାତ୍ରା ପ୍ରତି ଦୁଇବର୍ଷକୁ ଥରେ ହେଉଥିବାବେଳେ ଚଳିତବର୍ଷ ଏହି ଯାତ୍ରା ଧୁମ୍‌ଧାମରେ ଆରମ୍ଭ ହୋଇଛି । ଏନେଇ ଛତ୍ରପୁର ସହର ଓ ଆଖପାଖ ଅଞ୍ଚଳ ଉତ୍ସବ ମୁଖରିତ ହୋଇଛି । ଏହି ଯାତ୍ରା ଜୁନ୍ ମାସ ୩୦ ତାରିଖ ଯାଏଁ ଚାଲିବ ।

## ସାପକାମୁଡାରେ ମୃତ୍ୟୁ-ରାଜ୍ୟ

ରାଜ୍ୟରେ ସାପକାମୁଡା ମୃତ୍ୟୁସଂଖ୍ୟା ବୃଦ୍ଧି ପାଉଛି । ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟରୁ ପ୍ରକାଶିତ ଏକ ରିପୋର୍ଟରୁ ଜଣାପଡିଛି ଯେ

୨୦୨୨-୨୩ରେ ହଜାରେ ଏକ ଜଣଙ୍କର ସାପ କାମୁଡାରେ ମୃତ୍ୟୁ ଘଟିଥିଲା ।

ତନ୍ମଧ୍ୟରୁ ୮୯୪ଜଣଙ୍କର ନିକଟତମ ସମ୍ପର୍କୀୟଙ୍କୁ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ଅର୍ଥ ରାଶି ପ୍ରଦାନ କରାଯାଇଛି । ପୂର୍ବବର୍ଷ ୨୦୨୧-୨୨ ତୁଳନାରେ ୨୦୨୨-୨୩ ବର୍ଷରେ ରାଜ୍ୟରେ ସାପକାମୁଡା ମୃତ୍ୟୁ ସଂଖ୍ୟା ୧୫୭ ବୃଦ୍ଧିପାଇଛି ।

## ସହରୀକରଣ-ଗରମ

ଭାରତରେ ୧୪୦ଟି ମୁଖ୍ୟ ସହରେ ରାତିରେ ଗ୍ରାମାଞ୍ଚଳଠାରୁ ୬୦ ପ୍ରତିଶତ ଅଧିକ ଗରମ ଅନୁଭୂତ ହେଉଛ ବୋଲି ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି-ଆଇଆଇଟି ଭୁବନେଶ୍ୱର ପକ୍ଷରୁ କରାଯାଇଥିବା ଏକ ଗବେଷଣାରୁ ଜଣାପଡିଛି । ଏହାର ପ୍ରମୁଖ କାରଣ ହେଉଛି ସହରୀକରଣର ପ୍ରଭାବ । ଅହମ୍ମଦାବାଦ, ରାଜକୋଟ ଏବଂ ଜୟପୁରରେ ସହରୀକରଣର ପ୍ରଭାବ ସର୍ବାଧିକ ପଡୁଥିବାବେଳେ ଦିଲ୍ଲୀ ଏବଂ ପୁଣେ ଏହି କ୍ରମରେ ଯଥାକ୍ରମେ ଚତୁର୍ଥ ଏବଂ ପଞ୍ଚମ ସ୍ଥାନରେ ରହିଛି ।

## ପାଣିପାଗ

ଉତ୍ତର-ପଶ୍ଚିମ ଦିଗରୁ ଶୁଷ୍କ ବାୟୁ ପ୍ରବାହିତ ହେବା କାରଣରୁ ରାଜ୍ୟରେ ଦିନ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ଆସନ୍ତା ୩ ଦିନ ପର୍ଯ୍ୟନ୍ତ ରାଜ୍ୟର ଆଭ୍ୟନ୍ତରୀଣ ଜିଲ୍ଲା ଗୁଡ଼ିକରେ ତାପମାତ୍ରା ୩ରୁ ୫ ଡିଗ୍ରୀ

ବୃଦ୍ଧି ପାଇବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରିଛି ।

ଆଜି ଦିନ ୨ଟା ୩୦ ସୁଦ୍ଧା ଝାରସୁଗୁଡାରେ ସର୍ବାଧିକ ୪୫ ଦଶମିକ ୬ ଡ଼ିଗ୍ରୀ  ତାପମାତ୍ରା ରେକର୍ଡ ହୋଇଛି । ଏହା ପଛକୁ ୪୫ ଦଶମିକ ୨ ଡ଼ିଗ୍ରୀ ତାପମାତ୍ରା ସହ ରହିଛି ସମ୍ବଲପୁର । ସେହିପରି ହୀରାକୁଦରେ ୪୪ ଦଶମିକ ୮ ଡିଗ୍ରୀ, ରାଉରକେଲାରେ ୪୩ ଦଶମିକ ୬, କେନ୍ଦୁଝର ୪୧ ଦଶମିକ ୨, ଭୁବନେଶ୍ୱର ୩୯ ଦଶମିକ ୮, ବାଲେଶ୍ୱର ୩୭ ଦଶମିକ ୫, ଚାନ୍ଦବାଲି ୩୭ ଦଶମିକ ୪, ଗୋପାଳପୁର ୩୪ ଦଶମିକ ୫, ପାରାଦ୍ୱୀପ ୩୪ ଦଶମିକ ୪ ଓ ପୁରୀରେ ୩୪ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି ।

ବୃଦ୍ଧିପାଉଥିବା ତାପମାତ୍ରାକୁ ଦୃଷ୍ଟିରେ ରଖି ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ସତର୍କତାମୂଳକ ବ୍ୟବସ୍ଥା ଗ୍ରହଣ କରିବାକୁ ଜିଲ୍ଲାପାଳ ଓ ସ୍ୱାସ୍ଥ୍ୟସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।